## ୨ ମୃତଦେହ ଜବତ

ନୀଳଗିରି,(ସ୍ୱ.ପ୍ର): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରୁ ୨ଟି ମୃତଦେହ ଜବତ ହୋଇଛି। ଅଯୋଧା ନିକଟସ୍ଥ ସୋନ ନଦୀର ବାଲିପାଳଠାରେ ଏକ ଯୁବକଙ୍କ ଗଳିତ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ନଦୀସ୍ରୋତରେ ଅନ୍ୟସ୍ଥାନରୁ ଭାସିଆସିଥିବା ପୋଲିସ ଅନୁମାନ କରୁଛି। ସେହିପରି ନୀଳଗିରି ଏନ୍‌ଏସି ଅଧୀନ ରାଡ଼ାର ରାସ୍ତାରେ ନିର୍ମାଣାଧୀନ ପରିବା ମାର୍କେଟରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରି ମେଡିକାଲ ଶବ ବ୍ୟବଚ୍ଛେଦ ଘରେ ରଖିଛି। ବିଷକ୍ରିୟା ଯୋଗୁ ମୃତ୍ୟୁ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି।

## ସିଟିଜିର ଅଭିଷେକ ଗୌରବ ବଢ଼ାଇଲେ



କେନ୍ଦୁଝର, ୨୭।୭(ଡି.ଏନ୍.ଏ.): ଚଳିତବର୍ଷ +୨ ସିଏଚ୍‌ଏସ୍‌ଇ ପରୀକ୍ଷା ଦେଇଥିବା ସିଟିଜିର ୧୨୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୩ଜଣ ଛାତ୍ରଛାତ୍ରୀ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ଅଭିଷେକ ସାହୁ ୫୬୦ ନମ୍ବର ରଖି କେନ୍ଦୁଝରରେ ଗୌରବ ବଢାଇଛନ୍ତି। ସେଥିପାଇଁ ସମସ୍ତ ଅଧାପିକାଅଧାପକ, କଲେଜର ଚେୟାରମ୍ୟାନ ତଥା କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ପ୍ରିନ୍ସ କଲେଜର ଶତପ୍ରତିଶତ ସଫଳତା

ବାରିପଦା ଅଫିସ,୨୭।୭

ବାରିପଦା ସହରସ୍ଥିତ ବିଭିନ୍ନ ବେସରକାରୀ କଲେଜରେ +୨ ବିଜ୍ଞାନରେ ଶତପ୍ରତିଶତ ସଫଳତା ମିଳିଛି। ପ୍ରିନ୍ସ କଲେଜରେ ୧୨୮ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତା ହାସଲ କରି ଅନୁଷ୍ଠାନର ଗର୍ବ ଗୌରବକୁ ବୃଦ୍ଧି କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୨୭ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬ଜଣ ପରୀକ୍ଷାର୍ଥୀ ୯୦%ରୁ ଅଧିକ ଓ ୩୪ଜଣ ୫ଶହରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଅନୁଷ୍ଠାନର ଛାତ୍ରୀ ଲିପିକା ଧଳ ୫୫୨, ଗଗନ ଗିରି ୫୫୦, ଅମୃତମୟ ଦେୟ ଓ ସନ୍ଧ୍ୟାରାଣୀ ମହାନ୍ତ ୫୪୭, ସୌମ୍ୟଶ୍ରୀ ପାଣିଗ୍ରାହୀ ୫୪୬, ମାନସ ମୁର୍ମୁ ୫୪୦ ନମ୍ବର ରଖିଛନ୍ତି। ଉକ୍ତ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଫଳ ଠାରୁ ଯୁକ୍ତ ଦୁଇ ପରୀକ୍ଷାରେ ଅଧିକ ନମ୍ବର ରଖିଥିବାରୁ ଅଭିଭାବକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପାଇଁ କଲେଜର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସମସ୍ତ ଅଧାପିକାଅଧାପକଙ୍କ ଅକ୍ଳାନ୍ତ ପରିଶ୍ରମ କାରଣରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଭିନ୍ନ ଦାବି ନେଇ ଦସ୍ତଖତ ସଂଗ୍ରହ ଅଭିଯାନ

କେନ୍ଦୁଝର, ୨୭।୭(ସ୍ୱ.ପ୍ର.): ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ, କେନ୍ଦୁଝର ଶାଖା ପକ୍ଷରୁ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମ-୨୦୧୩କୁ ସମ୍ପୂର୍ଣ୍ଣ ଉଚ୍ଛେଦ, ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ସର୍ବନିମ୍ନ ଦରମା ପ୍ରଦାନ ଆଦି ବିଭିନ୍ନ ଦାବି ସମ୍ବଳିତ ୫ ଦଫା ଦାବି ପୂରଣ ପାଇଁ ଦସ୍ତଖତ ଅଭିଯାନ କେନ୍ଦୁଝର ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କର୍ମଚାରୀ ମାନେ ସାମ୍ବିଧାନିକ ବିଧି ବ୍ୟବସ୍ଥା ମୁତାବକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ସରକାର ସଳ୍ପ ଦରମାରେ ୬ ବର୍ଷ ଗୋଟି ଶ୍ରମିକ ଭଳି ଖଟାଉଥିବାରୁ ଏହାକୁ ନେଇ ଜିଲା ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ସଭାପତି ବାବୁଲ କୁମାର ନାୟକ, ଉପସଭାପତି ଦୁଷ୍ମନ୍ତ ପାତ୍ର, ସମ୍ପାଦକ ଅବନୀ କୁମାର ଦେହୁରୀ ,ସହ ସମ୍ପାଦକ ଅନୀଲ କୁମାର ଟୁଡୁ, ଗଣମାଧମ ସମ୍ପାଦକ ବିଶ୍ୱଭୂଷଣ ବେହେରା, କୋଷାଧକ୍ଷ ଝସକେତନ ନାଏକ, ଉପକୋଷାଧକ୍ଷ ଖଗେଶ୍ୱର ପାତ୍ର ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି ।

## ବସ୍ତାରେ କାର୍‌ଗିଲ ବିଜୟ ଦିବସ

ବସ୍ତା, ୨୭।୭(ଡି.ଏନ.ଏ.)-ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୯୯ରେ ଲଦାଖର କାରଗିଲଠାରେ ହୋଇଥିବା ଯୁଦ୍ଧରେ ଭାରତୀୟ ସୈନ୍ୟଙ୍କ ବିଜୟ ସ୍ମାରକୀ 'କାରଗିଲ ବିଜୟ ଦିବସ' ମଙ୍ଗଳବାର ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପାଳିତ ହୋଇଛି। ଏହି ଉପଲକ୍ଷେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବାୟୁସେନା ଅଧିକାରୀ ପ୍ରଦୀପ ପରିଡ଼ା କାରଗିଲ ଯୁଦ୍ଧ ଭୂଇଁ ସମ୍ପର୍କରେ ବିବରଣୀ ଦେଇଥିଲେ। ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା ଭାରତୀୟ ସୈନ୍ୟଙ୍କ ପରାକ୍ରମୀ ଇତିହାସ ବର୍ଣ୍ଣନା କରିଥିଲେ। ଉପ-ପ୍ରଧାନାଚାର୍ଯ୍ୟା ରଞ୍ଜିତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ଗିରି, ଶରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଉତ୍ତରଓଡ଼ିଶା ଜୋନ୍ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ

# ପାସ୍ ହାର ସନ୍ତୋଷଜନକ

## ଯୁକ୍ତ ୨ ବିଜ୍ଞାନରେ ୯୮%, ବାଣିଜ୍ୟରେ ୯୩% ଫଳାଫଳ

ବାଲେଶ୍ୱର ଅଫିସ, ୨୭।୭

ଚଳିତବର୍ଷ କୋଭିଡ୍ ସମସ୍ୟା ଯୋଗୁ ରାଜ୍ୟର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ୨ ପରୀକ୍ଷା ଦୁଇମାସ ବିଳମ୍ବରେ ଅର୍ଥାତ୍ ଏପ୍ରିଲ ଶେଷ ସପ୍ତାହରେ ହୋଇଥିଲା। ଯାହାର ଫଳାଫଳ ବୁଧବାର ପ୍ରକାଶ ପାଇଛି। ଜିଲାରେ ଯୁକ୍ତ ୨ ବିଜ୍ଞାନରେ ୯୮% ଓ ବାଣିଜ୍ୟରେ ୯୩% ଫଳାଫଳ ହୋଇଛି।

ଜିଲାର ଯୁକ୍ତ ୨ ବିଜ୍ଞାନରେ ୫ହଜାର ୮୯୨ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୫ହଜାର ୮୨୬ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୫ହଜାର ୦୮୪, ଦ୍ୱିତୀୟ ଶ୍ରେଣୀରେ ୫୩୫ ଓ ତୃତୀୟ ଶ୍ରେଣୀରେ ୧୦୩ ପାସ୍ କରିବା ସହ ମୋଟ୍ ୫ହଜାର ୭୨୨ ଜଣ ପାସ୍ ହୋଇଛନ୍ତି। ସେହିପରି ଯୁକ୍ତ୨ ବାଣିଜ୍ୟରେ ୧ହଜାର ୦୯୯ ଜଣ ଫର୍ମ ଫିଲ୍‌ଅପ୍ କରିଥିବା ବେଳେ ୧ହଜାର ୦୮୬ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୪୭, ଦ୍ୱିତୀୟ ଶ୍ରେଣୀରେ ୨୭୬ ଓ ତୃତୀୟ ଶ୍ରେଣୀରେ ୧୯୫ ପାସ୍ ସହ ମୋଟ୍ ପାସ୍ ୧ହଜାର ୦୧୮ ଜଣ ପାସ୍ ହୋଇଛନ୍ତି।

### ବିଜ୍ଞାନରେ ପାସ୍ ହାର ୮୭.୩୦%, ବାଣିଜ୍ୟରେ ୮୪.୭୭%

କେନ୍ଦୁଝର, ୨୭।୭ (ସ୍ୱ.ପ୍ର.): ବୁଧବାର ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ଫଳ ପ୍ରକାଶ ପାଇଛି। କେନ୍ଦୁଝର ଜିଲାରେ ବିଜ୍ଞାନରେ ପାସ ହାର ୮୭.୩୦% ରହିଥିବାବେଳେ ବାଣିଜ୍ୟରେ ପାସ ହାର ୮୪.୭୭% ରହିଛି। ସମୁଦାୟ ୨୪୦୮ ଜଣ ବିଜ୍ଞାନରେ ପରିକ୍ଷା ଦେଇଥିବା ବେଳେ ୨୦୩୬ ଜଣ ପାସ କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୦୧୬ ଜଣ ପ୍ରଥମ ଶ୍ରେଣୀ, ୫୨୩ ଜଣ ଦ୍ୱିତୀୟ ଓ ୪୯୪ ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଥିବା ଜଣାପଡିଛି । ସେହିପରି ବାଣିଜ୍ୟରେ ୯୨୭ ଜଣ ପରିକ୍ଷା ଦେଇଥିବାବେଳେ ୭୭୪ ଜଣ ପାସ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୮୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୮୫ ଏବଂ ତୃତୀୟ ଶ୍ରେଣୀରେ ୩୦୫ ଜଣ ପାସ କରିଛନ୍ତି।

## ବିଜ୍ଞାନରେ ୯୬.୮୬, ବାଣିଜ୍ୟରେ ୯୧.୭୮ ପ୍ରତିଶତ ପାସ୍

ଭଦ୍ରକ ଅଫିସ, ୨୭।୭

ଭଦ୍ରକ ଜିଲାରେ ଯୁକ୍ତ ୨ ବିଜ୍ଞାନରେ ୯୬.୮୬ ଓ ବାଣିଜ୍ୟରେ ୯୧.୭୮ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସୂଚନା ଅନୁଯାୟୀ, ବିଜ୍ଞାନରେ ୨୦୩୧ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୨୦୦୭ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୧୪୭୧, ଦ୍ୱିତୀୟରେ ୩୭୬, ତୃତୀୟରେ ୯୦ ଓ କମ୍ପାର୍ଟମେଣ୍ଟରେ ୭ ମୋଟ ୧୯୪୪ଜଣ ପାସ୍ କରିଛନ୍ତି। ୬୩ଜଣ ଫେଲ୍ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୧୩୧୪ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୧୨୯୦ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୫୮୮, ଦ୍ୱିତୀୟରେ ୨୯୬, ତୃତୀୟରେ ୩୦୦ ମୋଟ ୧୧୮୪ ଜଣ ପାସ୍ କରିଛନ୍ତି। ୧୦୬ ଜଣ ଫେଲ୍ ହୋଇଛନ୍ତି।

ଭଦ୍ରକ କଲେଜରେ ବାଣିଜ୍ୟରେ ପାସ୍‌ହାର ୯୭ପ୍ରତିଶତ ରହିଛି। ମୋଟ ୨୫୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୪୭ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୯୭, ଦ୍ୱିତୀୟରେ ୪୩ ଓ ତୃତୀୟରେ ୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟରେ ଅନୁଶ୍ରୀ ଗୁପ୍ତା ୫୬୩ ନମ୍ବର(୯୭ ପ୍ରତିଶତ)ରଖି କଲେଜରେ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ପାସ୍‌ହାର ୯୮.୨୧ ପ୍ରତିଶତ ରହିଛି। ୫୦୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୯୫ଜଣ ପାସ୍ କରିଥିବା ବେଳେ ପ୍ରଥମ ଶ୍ରେଣୀରେ ୪୫୦, ଦ୍ୱିତୀୟରେ ୪୧ ଓ ତୃତୀୟ ଶ୍ରେଣୀରେ ୪ ଜଣ ଅଛନ୍ତି। ଜ୍ୟୋତି ଶଙ୍କର ମିଶ୍ର ୫୫୭ ନମ୍ବର (୮୯.୨୯ ପ୍ରତିଶତ) ରଖି କଲେଜ ଟପ୍ପର ହୋଇଥିବା ଅଧକ୍ଷ ସୁବୋଧ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ମୟୂରଭଞ୍ଜରେ ବିଜ୍ଞାନରେ ୯୩.୪୫, ବାଣିଜ୍ୟରେ ୮୭ % ପାସ୍‌ହାର

ବାରିପଦା ଅଫିସ,୨୭।୭

ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲା ବାରିପଦାରେ ଥିବା ଉତ୍ତରଓଡ଼ିଶା ଜୋନ୍ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଶାଖା କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଏହି ଜିଲାରେ ଯୁକ୍ତ ୨ ବିଜ୍ଞାନରେ ୪୬୦୬ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୪୫୦୮ଜଣ ପରୀକ୍ଷା ଦେଇଥିଲେ। ୯୩.୪୫ ପ୍ରତିଶତ ହାରରେ ୪୨୧୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୫୩୨, ଦ୍ୱିତୀୟରେ ୧୦୦୬ ଓ ତୃତୀୟ ଶ୍ରେଣୀରେ ୬୬୭ଜଣ ଅଛନ୍ତି। ୮ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟରେ ପାସ୍ କରିଥିବା ବେଳେ ୯ଜଣ କପି କରି ଧରାପଡ଼ିଛନ୍ତି।

ସେହିପରି ବାଣିଜ୍ୟରେ ଜିଲାରୁ ୧୦୧୭ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୯୯୨ଜଣ ପରୀକ୍ଷା ଦେଇଥିଲେ। ୮୭.୦୯ ପ୍ରତିଶତ ହାରରେ ୮୬୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୦୧, ଦ୍ୱିତୀୟରେ ୨୧୦ ଓ ତୃତୀୟ ଶ୍ରେଣୀରେ ୩୫୩ଜଣ ଅଛନ୍ତି। ଜଣେ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିଲେ ବୋଲି ଶିକ୍ଷା ପରିଷଦର ବାରିପଦା ଶାଖା କାର୍ଯ୍ୟାଳୟର ଉପ-ସଚିବ ଜୟଦେବ ପ୍ରମାଣିକ ପ୍ରକାଶ କରିଛନ୍ତି।

## ପ୍ରଥମ ଶ୍ରେଣୀରେ ୧୨୫ ଛାତ୍ରୀଛାତ୍ର




ନିର୍ଦ୍ଦେଶକଙ୍କ ଦ୍ୱାରା କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ବାରିପଦା ଅଫିସ,୨୭।୭

### ସାଇ ହାୟର ସେକେଣ୍ଡାରୀ ସ୍କୁଲ

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳରେ ବାରିପଦାର ତକତପୁର ସାଇ ହାୟର ସେକେଣ୍ଡାରୀ ସ୍କୁଲର ମୋଟ ୧୩୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୫ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ସାଇସଙ୍ଗୀତା ଆଧେକ ୫୪୧, ସ୍ୱାଗତ କୁମାର ମହାନ୍ତ ୫୩୮ ଓ ଚନ୍ଦନେଶ୍ୱର ସୋରେନ ୫୩୩ ନମ୍ବର ରଖିଛନ୍ତି। ୧୨ଜଣ ପରୀକ୍ଷାର୍ଥୀ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୧୯ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇବା ସହ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବିଜ୍ଞାନରେ ୯୪% ଓ ବାଣିଜ୍ୟରେ ୮୪.୯୪%

କେନ୍ଦୁଝର, ୨୭।୭(ଡି.ଏନ୍.ଏ.): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଲେଜ ବିଜ୍ଞାନ ଓ ବାଣିଜ୍ୟରେ ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଲ ଫଳାଫଳ କରିଛି। ଯୁକ୍ତ ୨ ବିଜ୍ଞାନରେ ୬୦୦ ନମ୍ବରରୁ ୫୪୭ ନମ୍ବର ରଖି ଅଙ୍କିତା ସାହୁ, ନିହାରିକା ସାହୁ ୫୩୩ ନମ୍ବର ଏବଂ ରୌମ୍ୟ ରଞ୍ଜନ ସାହୁ ୫୧୬ ନମ୍ବର ରଖିଛନ୍ତି। ମୋଟ ୨୩୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୨ ଜଣ ପାସ କରଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୪୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୧,ତୃତୀୟ ଶ୍ରେଣୀରେ ୧୪ ଜଣ ପାସ୍ କରିଥିବାବେଳେ ୧୪ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ଏକ୍ସରେଗୁଲାରରେ ଜଣେ ପ୍ରଥମ

### ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଶ୍ରେଣୀରେ ପାଶ କରିଛନ୍ତି। ସେହିପରି ଯୁକ୍ତ ୨ ବାଣିଜ୍ୟରେ ତପସ୍ୱିନୀ ଦାସ ୫୪୩ ନମ୍ବର ରଖି ପ୍ରଥମ ହୋଇଛନ୍ତି। ରୀତୁ ସୋନକାର ୬୦୦ ରୁ ୫୧୮ ନମ୍ବର ରଖି ଦ୍ୱିତୀୟ ଏବଂ ଚେତନା କୁମାରୀ ସା ୫୦୮ ନମ୍ବର ରଖି ତୃତୀୟ ହୋଇଛନ୍ତି। ବାଣିଜ୍ୟରେ ୮୯.୯୪% ଫଳାଫଳ ହୋଇଛି। ୯୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୯ ଜଣ ପାସ ହୋଇଛନ୍ତି। ସେଥିମଧ୍ୟରୁ ୫୭ ଜଣ ପ୍ରଥମ ଶ୍ରେଣୀ,୧୪ ଜଣ ଦ୍ୱିତୀୟ ଏବଂ ୫ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି।

## ସୁବ୍ରତ ଏମ୍‌ସ କଲେଜ ଟପ୍ପର

ସିମୁଳିଆ, ୨୭।୭(ଡି.ଏନ.ଏ.)

### ଯୁକ୍ତ ୨ ବିଜ୍ଞାନ



କଲେଜ ଟପ୍ପର୍ ସୁବ୍ରତ କୁମାର ସ୍ୱାଇଁ।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାରେ ଥିବା ଏମ୍‌ସ ଯୁକ୍ତ ୨ ବିଜ୍ଞାନ କଲେଜ ଛାତ୍ର ସୁବ୍ରତ କୁମାର ସ୍ୱାଇଁ ସର୍ବାଧିକ ୫୫୩ ନମ୍ବର ରଖି କଲେଜରେ ଟପ୍ପର ହେବା ସହ ବ୍ଲକରେ ମଧ ଟପ୍ପର ହୋଇଛନ୍ତି। ଏହି କଲେଜରେ ପରୀକ୍ଷା ଦେଇଥିବା ୯୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୮୨ ଜଣ ଗତ ମାଟ୍ରିକ୍ ପରୀକ୍ଷାଠାରୁ ଯୁକ୍ତ୨ରେ ଅଧିକ ନମ୍ବର ରଖିଛନ୍ତି। ମୋଟ ୮୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ପରୀକ୍ଷାର୍ଥୀଙ୍କ ସଫଳତା ପାଇଁ କଲେଜ ଚେୟାରମ୍ୟାନ୍ ତଥା ଅଧକ୍ଷ ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ରାଉଳ ଏବଂ ସେକ୍ରେଟାରୀ ଶୁଭେନ୍ଦ୍ର ଶଙ୍କର ଲେଙ୍କା କଲେଜର ସମସ୍ତ କର୍ମଚାରୀ ତଥା ଅଧାପକଙ୍କୁ ସାଧୁବାଦ ଜଣାଇଛନ୍ତି।

## ସଫଳତା ସମ୍ପର୍କରେ ଏମାନେ କୁହନ୍ତି

### 'ଡାକ୍ତର ହୋଇ ଲୋକଙ୍କ ସେବା କରିବି'



-ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିବାର ଲୋକ ଏବଂ କୋଚିଂ ସେଣ୍ଟରର ସାର୍‌ମାନଙ୍କ ପ୍ରେରଣା ମୋତେ ଆଜି ସଫଳତା ଦେଇଛି। ଆଶା ଅନୁସାରେ ନମ୍ବର ମିଳିଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

-ଜ୍ୟୋତି ଶଙ୍କର ମିଶ୍ର, ବିଜ୍ଞାନ ଛାତ୍ର, ଭଦ୍ରକ କଲେଜ।

### ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ



- ଯେତିକି ସମୟ ପଢ଼େ ପାଠ ପ୍ରତି ଧ୍ୟାନ ରଖିଥାଏ। ତଥାପି ଦିନକୁ ୭ରୁ ୮ ଘଣ୍ଟା ପାଠପଢ଼ାରେ ମନୋନିବେଶ କରୁଥିଲି। ମା'ବାପା ଏବଂ ଈଶ୍ୱରଙ୍କ ଆଶୀର୍ବାଦରୁ ମୁଁ ଆଜି କଲେଜରେ ଟପ୍ପର ହୋଇପାରିଛି। ଆଗକୁ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବା ପାଇଁ ଲକ୍ଷ୍ୟ ରଖିଛି।

-ଅନୁଶ୍ରୀ ଗୁପ୍ତା, ବାଣିଜ୍ୟ ଛାତ୍ରୀ, ଭଦ୍ରକ କଲେଜ

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



କରୋନା ପ୍ରଭାବ ଥିଲେ ମଧ ପ୍ରଥମ ଓ ଦ୍ୱିତୀୟ ବର୍ଷର ପାଠପଢ଼ାରେ କଲେଜର ଶିକ୍ଷକମାନେ ଅନଲାଇନ୍ ଏବଂ ଅଫଲାଇନ୍‌ରେ ଆମ୍ଭମାନଙ୍କୁ ଯଥେଷ୍ଟ ସହାୟତା କରିଥିଲେ। ଫଳରେ ଆମ ମହାବିଦ୍ୟାଳୟରେ ଶତ ପ୍ରତିଶତ ଫଳାଫଳ ହୋଇଛି। ମୋର ୫୫୩ ମାର୍କ (୯୩%) ରହିଛି। ଅଧିକ ଆଶା କରିଥିଲି। କୌଣସି କାରଣରୁ କମିଯାଇଛି। ଏହାପରେ ମଧ ମୁଁ ବହୁତ ଖୁସି ଅଛି। ମହାବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବାରୁ ଏହାର ଶ୍ରେୟ ଅଧାପିକାଅଧାପକମାନଙ୍କୁ ଦେବି। ଆଗକୁ ମନ ଦେଇ ପାଠ ପଢ଼ିବି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକର ସେବା କରିବା ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

-ବିନିତା ରାଣୀ କମିଳା, ନିଷ୍ଠ କଲେଜ, ବାଲେଶ୍ୱର

## ସାଇ ବିଦ୍ୟାମନ୍ଦିରର ଐତିହାସିକ ସଫଳତା




କୃତୀ ଛାତ୍ରୀଛାତ୍ରଙ୍କ ସହ ନିର୍ଦ୍ଦେଶକ।

ବାରିପଦା ଅଫିସ,୨୭।୭

+୨ ବିଜ୍ଞାନ ପରୀକ୍ଷାରେ ବାରିପଦାସ୍ଥିତ ସାଇ ବିଦ୍ୟା ମନ୍ଦିର ସଫଳତାର ଶୀର୍ଷରେ ପହଞ୍ଚି ଐତିହାସିକ ସଫଳତା ହାସଲ କରିଛି। ମୋଟ ୧୨୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଛାତ୍ରୀ ନମିତା ନାଥ ୫୬୨, ଭାନୁପ୍ରିୟା ବେହେରା ୫୬୧, ଚୟନ ରଣା ୫୫୩, ନିବେଦିତା ମହାପାତ୍ର ୫୫୧, ସାର୍ଥକ କଲିଆ ୫୪୬, ପାର୍ଥ ସାରଥି ଭୋଇ ୫୪୫, ଅମିତ ବେହେରା ୫୪୪ ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୯୦%ରୁ ଅଧିକ ୭ଜଣ, ୮୫ ଓ ୮୦%ରୁ ଅଧିକ ୩୩ଜଣ ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି। ପ୍ରତିବର୍ଷ ଭଳି ସାଇ ବିଦ୍ୟା ମନ୍ଦିର ଶତପ୍ରତିଶତ ସଫଳତା ହାସଲ କରି ଭଞ୍ଜ ମାଟିର ଗର୍ବ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିଛି। ଅନୁଷ୍ଠାନର ଅଧକ୍ଷ ଅକ୍ଷୟ କୁମାର ଖିଲାର କୃତଜ୍ଞତା ଜ୍ଞାପନ କରିବା ପୂର୍ବକ କୃତୀ ଛାତ୍ରୀଛାତ୍ରଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି । ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ ସଫଳତମ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ପ୍ରଭଞ୍ଜନ ରାଉତ ଏହି ସଫଳତା ପାଇଁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି ।

## ଜିଲାସ୍ତରୀୟ ଆଜାଦୀ କା ଅମୃତ ମହୋତ୍ସବ

ଜଳେଶ୍ୱର, ୨୭।୭(ଡି.ଏନ.ଏ.)

ଦେଶ ସ୍ୱାଧୀନତାର ୭୫ବର୍ଷକୁ ଆଜାଦୀର ଅମୃତ ମହୋତ୍ସବ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ରାଷ୍ଟ୍ରୀୟ ଶକ୍ତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ମିଳିତ ଉଦ୍ୟମରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ ବିଭାଗର ବିକାଶ କରାଯାଉଛି ।

ବାଲେଶ୍ୱର ଜିଲାର ଜଳେଶ୍ୱରଠାରେ ମଙ୍ଗଳବାର ପାୱାର ଗ୍ରୀଡ୍, ଓପିଟିସିଏଲ୍ ଓ ଟିପିଓଏନଡିଏଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏକାନ୍ତ ଆବଶ୍ୟକ ଥିବା ବେଳେ ପ୍ରତ୍ୟେକ ନାଗରିକଙ୍କ ଏଥିରୁ ବଞ୍ଚିତ ନ ହେବା ଉଚିତ୍ ବୋଲି କହିଥିଲେ । ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଶାଶ୍ୱତ ଭୂୟାଁଙ୍କ ସଂଚାଳନାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ ଜେନା ଯୋଗ ଦେଇ ୨୦୩୦ ମସିହା ବେଳକୁ ଭାରତ ଏକ ବିଦ୍ୟୁତ୍ ବଳକା ରାଷ୍ଟ୍ର ହେବାକୁ ଯାଉଥିବା ବେଳେ ଓଡିଶା ସରକାର ୧୮ହଜାର କୋଟି ଟଙ୍କା ବିଦ୍ୟୁତ୍ ବିକାଶ ଲାଗି ଖର୍ଚ୍ଚ କରିବେ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ପୌର ଅଧକ୍ଷ ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ଆଗାମୀ ଦିନରେ ଅଣ୍ଡରଗ୍ରାଉଣ୍ଡ କେବଲିଂ କରାଯିବା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଅଧୀକ୍ଷଣ ଯନ୍ତ୍ରୀ ଟିପିଓଏନ୍‌ଡିଏଲ୍ ଇଂ. ସିଦ୍ଧାର୍ଥ ଶଙ୍କର ରାୟ, ବରିଷ୍ଠ ପରିଚାଳକ ପାୱାର ଗ୍ରୀଡ ଇଂ. ସୋମନାଥ ନାୟକ, ବରିଷ୍ଠ ପରିଚାଳକ ଓପିଟିସିଏଲ୍ ଇଂ. ରାଜକିଶୋର ପରିଡା, ମୁଖ୍ୟ ପରିଚାଳକ ପାୱାରଗ୍ରୀଡ ଇଂ. ଏମ୍.ଏନ୍ ଦତ୍ତ, ଡିଜିଏମ୍ ଓପିଟିସିଏଲ ଇଂ. ମନୋଜ କୁମାର ମହାପାତ୍ର, ଜଳେଶ୍ୱର ନିର୍ବାହୀଯନ୍ତ୍ରୀ ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ ।

## ନମୁନା ସଂଗ୍ରହ, ପରୀକ୍ଷଣ ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ, ୨୭।୭




ଜିଲାସ୍ତରୀୟ ସମନ୍ୱୟ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

### ଡେଙ୍ଗୁ ନିରାକରଣ ପାଇଁ ଜିଲାସ୍ତରୀୟ ସମନ୍ୱୟ ବୈଠକ

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲାସ୍ତରୀୟ ଡେଙ୍ଗୁ ନିରାକରଣ ମାସ ପାଳନ ତଥା ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନତା ପାଇଁ ଅନ୍ତଃବିଭାଗ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ଡେଙ୍ଗୁପ୍ରବଣ ଅଞ୍ଚଳଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା, ଶିଳ୍ପସଂସ୍ଥାଗୁଡ଼ିକରେ ମଶାବଂଶ ନିୟନ୍ତ୍ରଣ, ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଡେଙ୍ଗୁ ସଚେତନତା ପୋଷ୍ଟର ଲଗାଇବା, ସହରାଞ୍ଚଳରେ ପୌରପାଳିକା ଦ୍ୱାରା କୀଟନାଶକ ସିଞ୍ଚନ, ସମସ୍ତ ଚିକିତ୍ସାଳୟରୁ ନମୁନା ସଂଗ୍ରହ ଓ ପରୀକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାରଣ ଅଧିକାରୀ ରମଣୀକାନ୍ତ ଭଞ୍ଜ ଏବଂ ଜନସ୍ୱାସ୍ଥ୍ୟ ସଞ୍ଚାରଣ ଅଧିକାରୀ ଶ୍ରୀକାନ୍ତ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଡେଙ୍ଗୁ ନିରାକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପୌରାଞ୍ଚଳରେ ଠିକ୍ ସମୟରେ ମଶା ତେଲ ପକାଇବା, ଡ୍ରେନ ସଫା କରିବା ଓ ଆବଶ୍ୟକତା ଅନୁଯାୟୀ ଧୂଆଁ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସ୍ୱଚ୍ଛ ଭାରତ ଅଭିଯାନ ଅଳିଆବୁହା ଗାଡିରେ ଡେଙ୍ଗୁ ସଚେତନତା ଗୀତ ବଜାଇବାକୁ ସ୍ଥିରୀକୃତ ହୋଇଥିଲା। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କଶେଖର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ବାହକ ବାହିତ ରୋଗ ପରାମର୍ଶଦାତା ଆଲୋକ କୁମାର ପତି ପ୍ରୋଜେକ୍ଟର ମାଧ୍ୟମରେ ଜିଲାରେ ଡେଙ୍ଗୁର ସ୍ଥିତି, ନିରାକରଣ ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଚଳିତବର୍ଷ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୩୬୭ ଜଣଙ୍କ ନମୁନା ପରୀକ୍ଷା କରାଯାଇ ୮ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ବୈଠକରେ ବାଲେଶ୍ୱର ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ଜିଲା ପ୍ରୋଗ୍ରାମ ମ୍ୟାନେଜର ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୩୦ଫୁଟ୍ ତଳକୁ ଖସିଲା ଟ୍ରକ୍

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସ୍ଥିତ ରଣାଶାଳ ଘାଟି ଠାରେ ମଙ୍ଗଳବାର ଏକ ଟ୍ରକ୍ ୩୦ଫୁଟ ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ଲୁହାପଥର ବୋଝେଇ କରି ୫୨୦ନଂ ଜାତୀୟ ରାଜପଥର ରଣା ଶାଳ ଘାଟି ଠାରେ ଟ୍ରକ୍‌ଟି ଠିଆ କରି ଡ୍ରାଇଭର ପ୍ରେସର୍ ଅଛି କି ନାହିଁ ଚେକ୍ କରୁଥିଲେ। ଦୁର୍ଭାଗ୍ୟବଶତଃ ଡ୍ରାଇଭର ଟ୍ରକ୍‌ର ହ୍ୟାଣ୍ଡ ବ୍ରେକ ଲଗାଇବା ଭୁଲି ଯାଇଥିଲେ। ଯାହା ଫଳରେ ଟ୍ରକ୍‌ଟି ଆଗକୁ ଯାଇ ପ୍ରାୟ ୩୦ଫୁଟ ତଳକୁ ଖସି ଯାଇଥିଲା। ଟ୍ରକ୍ ଡ୍ରାଇଭର ଅଖିଳେଶ ଯାଦବ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳରେ ଯୋଡ଼ା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଟ୍ରେନ୍ ପରିବହନ ପାଇଁ ଗଡୁନି ଟ୍ରକ୍

**ଯୋଡ଼ା, ୨୭।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅଧୀନ ଦେଓଝରଠାରେ ଅବସ୍ଥିତ ଏକ କମ୍ପାନୀ ସମ୍ମୁଖରେ ବୁଧବାର ପୂର୍ବାହ୍ନରେ ଟ୍ରକ ମାଲିକ ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ଉକ୍ତ କମ୍ପାନୀ ଦୈନିକ ରେଳ ମାଧ୍ୟମରେ ଖଣିଜ ପଦାର୍ଥ ପରିବହନ କରୁଥିବା ବେଳେ ଟ୍ରକ୍‌ରେ ପରିବହନ କରୁ ନ ଥିବାରୁ ସ୍ଥାନୀୟ ଟ୍ରକ ମାଲିକମାନେ କାମ ପାଉନାହାନ୍ତି। ଫଳରେ ଟ୍ରକ୍‌ଗୁଡ଼ିକ ରାସ୍ତାରେ ଛିଡ଼ା ହୋଇ ରହୁଛି। ଏନେଇ ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଦୈନିକ ଏହି କମ୍ପାନୀ ୭ରୁ ୮ ର୍ୟାକ୍‌ରେ ପ୍ରାୟ ୩୦ ହଜାର ଟନ୍ ଖଣିଜ ଦ୍ରବ୍ୟ ଟ୍ରେନ୍ ମାଧ୍ୟମରେ ପରିବହନ କରାଉଛି। ହେଲେ ଟ୍ରକ୍ ଯୋଗେ ପରିବହନ ନିମନ୍ତେ କମ୍ପାନୀ କୌଣସି ଆନ୍ତରିକତା ଦେଖାଉ ନ ଥିବାରୁ ଶତାଧିକ ଟ୍ରକ୍ ମାଲିକ ଏହାର ପ୍ରତିବାଦ ଜଣାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।


ଟ୍ରକ୍ ମାଲିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଯୋଡ଼ା ଓ ଆଞ୍ଚଳିକ ଟ୍ରକ ମାଲିକ ସଂଘ ମିଳିତ ହୋଇ ନାରାବାଜି କରିବା ସହ ଟ୍ରକ୍ ଯୋଗେ ପରିବହନ ପାଇଁ ଦାବି କରିଥିଲେ। ଏନେଇ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଟ୍ରକ୍ ମାଲିକଙ୍କ ସହ ଆଲୋଚନା କରି ଆସନ୍ତା ୩୦ ତାରିଖ ସୁଦ୍ଧା ଏହାର ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

ପ୍ରକାଶଥାଉକି, ଯୋଡ଼ା ଖଣି ମଣ୍ଡଳରେ ଅନେକ ଖଣି ରହିଛି। ଏ ଅଞ୍ଚଳରେ ଖଣି କାର୍ଯ୍ୟ ଯୋଗୁ ଜଙ୍ଗଲ ତଥା ଜମିର ଉର୍ବରତା ନଷ୍ଟ ହୋଇଥିବାରୁ କୃଷି କାର୍ଯ୍ୟ ସମ୍ଭବପର ନୁହେଁ। ଏହାସହ ଯାନ୍ତ୍ରିକ ଖଣି କାର୍ଯ୍ୟ ଯୋଗୁ ନିଯୁକ୍ତି ନ ପାଇ ଏଠାକାର ଲୋକେ ଖଣି ଉପରେ ନିର୍ଭରଶୀଳ। ବିଭିନ୍ନ ବିତ୍ତୀୟ ଅନୁଷ୍ଠାନରୁ ଋଣ କରି ଟ୍ରକ୍ କିଣି ଖଣି ପରିବହନ କାର୍ଯ୍ୟରେ ନିୟୋଜିତ କରି ଲୋକେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ଏହି ପରିପ୍ରେକ୍ଷୀରେ ପରିବହନ କାର୍ଯ୍ୟ ନ ପାଇବା ପରିତାପର ବିଷୟ ବୋଲି ଟ୍ରକ ମାଲିକମାନେ ଅଭିଯୋଗ ଆଣିଛନ୍ତି। ୪୦% ପରିବହନ ଟ୍ରକ୍ ଯୋଗେ ବ୍ୟବସ୍ଥା କରି ଉକ୍ତ ଟ୍ରକ୍ ମାଲିକଙ୍କୁ ରୋଜଗାରକ୍ଷମ କରିବା ପାଇଁ ସ୍ଥାନୀୟ କଣ୍ଡରା, ବିରିକଳା, ଦେଓଝର ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟ ଲିଖିତ ଭାବେ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ ହେଁ କମ୍ପାନୀ ଏହାକୁ ଅଣଦେଖା କରି ରେଳ ଯୋଗେ ନିଜର ପରିବହନ ଜାରି ରଖିଛନ୍ତି। ଅପରପକ୍ଷେ ଋଣଗ୍ରସ୍ତ ଟ୍ରକ୍ ମାଲିକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହୋଇପଡ଼ିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯଦି ଏହାର ସମାଧାନ କରା ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**■ବାରମ୍ବାର ଦାବି ସତ୍ତ୍ୱେ ଶୁଣୁନି କମ୍ପାନୀ**

**■ପ୍ରତିବାଦ କଲେ ଶତାଧିକ ଟ୍ରକ୍ ମାଲିକ**

## ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ କଂଗ୍ରେସର ସତ୍ୟାଗ୍ରହ

**ବାରିପଦା ଅଫିସ,୨୭।୭**

ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବୁଧବାର ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି। କଂଗ୍ରେସ ଦଳକୁ ବଦନାମ କରିବା ପାଇଁ କଂଗ୍ରେସର ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ବାରମ୍ବାର ଇଡି ଦ୍ୱାରା ସମନ ଜାରି କରି ଅପଦସ୍ତ କରିବାର ହୀନ ପ୍ରୟାସକୁ ନେଇ ଦଳ ପକ୍ଷରୁ ଦୃଢ ନିନ୍ଦା ଓ କଟୁ ସମାଲୋଚନା କରାଯାଇଛି। ଏନେଇ ଜିଲା ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଦିନ ୧୦ଟାରେ ଉପସ୍ଥିତ ରହି ସତ୍ୟାଗ୍ରହରେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଏମ୍‌ପି ସୁଶୀଳା ତିରିଆ, ବରିଷ୍ଠ ନେତା ବିଜନ ଦାସ, ଜ୍ୟୋତି ପ୍ରକାଶ ରଥ, ଅଶୋକ ଅଧିକାରୀ, ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲ, ଯୋଗେଶ ଅଗ୍ରୱାଲ, ସୁସ୍ମିତା ଘୋଷାଲ, ଦୀପକ ଦାଶ, ସଞ୍ଜୟ ସେଠୀ, ଲାଲ ମୋହନ ସିଂଙ୍କ ସମେତ କର୍ମକର୍ତ୍ତାମାନେ ସାମିଲ ଥିଲେ ।

## ସଂକ୍ଷେପରେ

### ଇଞ୍ଜିନିୟରିଂ ଛାତ୍ରଙ୍କ ଆତ୍ମହତ୍ୟା

ବାହାନଗା,୨୭।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ସୋର ଥାନା ଅଧୀନ ଅଂଜି ଗ୍ରାମରେ ଜଣେ ଇଞ୍ଜିନିୟରିଂ ଛାତ୍ର ଗାମୁଛାରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ହେଲେ ଗ୍ରାମର ସୁରେଶ ଚନ୍ଦ୍ର ଦାଶଙ୍କ ପୁଅ ସତ୍ୟରଞ୍ଜନ(୨୦)। ସୂଚନା ମୁତାବକ ସତ୍ୟରଞ୍ଜନ ସେରଗଡ଼ ସ୍ଥିତ ଇଞ୍ଜିନିୟରିଂ କଲେଜରେ ପଢୁଥିବା ବେଳେ ମଙ୍ଗଳବାର ରାତିରେ ଘରକୁ ଆସିଥିଲେ। ବୁଧବାର ସକାଳ ପ୍ରାୟ ୯ଟା ବେଳେ ନିଜ ଶୋଇବା ଘରେ ଗାମୁଛାରେ ଫାଶୀ ଦେଇ ଝୁଲି ପଡ଼ିଥିଲେ। ଘର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରିଛି।

### ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

ଠାକୁରମୁଣ୍ଡା, ୨୭।୭ (ଡି.ଏନ.ଏ.)-ସୀମାନ୍ତ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ଆସନବଣି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଭାଲୁ ଆକ୍ରମଣରେ ଦିମ୍ବାଇ ହୋ ନାମ୍ନୀ ବୃଦ୍ଧା ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଦିମ୍ବାଇ ନିଜ ଧାନ ବିଲରୁ କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ ନିକଟ ପୋଖରୀକୁ ଧୋଇ ହେବାକୁ ଯାଇଥିଲେ।ଏହି ସମୟରେ ତାଙ୍କ ପାଖକୁ ଦୁଇଟି ଭାଲୁ ଚାଲି ଆସିଥିଲେ। ଗୋଟିଏ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଆସିବାରୁ ଭାଲୁ ପଳାଇଥିଲା।

### ଅଭିଜ୍ଞତା ବଖାଣିଲେ ପୂର୍ବତନ ସୈନିକ

ବାଲେଶ୍ୱର ଅଫିସ, ୨୭।୭-ଭାରତୀୟ ପୂର୍ବତନ ସୈନିକ ସଂଘ ବାଲେଶ୍ୱର ଶାଖାରେ ୨୩ତମ କାରଗିଲ୍ ବିଜୟ ଦିବସ ପାଳିତ ହୋଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସଂଘ ସଭାପତି କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ଆନନ୍ଦ ବରାଳ, ସହସମ୍ପାଦକ ହେମନ୍ତ କୁମାର ଭୂୟାଁ, ଲିଗାଲ୍ ଆଡଭାଇଜର ଜୟନ୍ତ କୁମାର ସାହୁ ଏବଂ ଅନ୍ୟାନ୍ୟ ସଭ୍ୟ ପ୍ରଦୀପ କୁମାର ବେହେରା, ଅଭୟଲାଲ୍ ପାତ୍ର, ରବୀନ୍ଦ୍ର କୁମାର ନାୟକ, ରବୀନ୍ଦ୍ର ମହାକୁଡ଼, ଅଶ୍ୱିନୀ କୁମାର ବର୍ଦ୍ଧନ, ଶ୍ରୀଧର ସାହୁ, ହରିହର ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା, ଅର୍ଜୁନ କୁମାର ଗିରି, ମହାବୀର ଦତ୍ତ ପ୍ରମୁଖ ସହିଦ ବୀର ସୈନ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂଘ ସଭାପତି, ସମ୍ପାଦକ ଏବଂ ଅନ୍ୟ ସଭ୍ୟମାନେ କାରଗିଲ ଯୁଦ୍ଧରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିବା ଅଭିଜ୍ଞତା ପ୍ରକାଶ କରିଥିଲେ।

### ଜିଏସ୍‌ଟି ପ୍ରତ୍ୟାହାର ଦାବି

ବଡବିଲ, ୨୭।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲଠାରେ ସିପିଆଇ(ଏମ) ପକ୍ଷରୁ ଦୁଗ୍ଧଜାତୀୟ ଏବଂ ଖାଦ୍ୟ ଶସ୍ୟ ଜାତୀୟ ସାମଗ୍ରୀ ଉପରୁ ଜିଏସଟି ପ୍ରତ୍ୟାହାର ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଡ଼ବିଲସ୍ଥିତ ସିଟି ଓ ଜିଏସଟି( କମର୍ସିଆଲ ଟାକ୍ସ ଓ ଗୁଡ୍ସ ସର୍ଭିସ ଟାକ୍ସ) ଯୁଗ୍ମ ଆୟୋଗ ଏବଂ ମାଟକାମବେଡାସ୍ଥିତ ଜିଏସଟି ଓ ସେଣ୍ଟ୍ରାଲ ଏକ୍ସାଇଜ ସୁପରିଣ୍ଟେଣ୍ଡେଣ୍ଟ ରେଞ୍ଜ-୧ ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସିପିଆଇଏମ ଜିଲା କମିଟି ସମ୍ପାଦକ ଇନ୍ଦ୍ରମଣି ବେହେରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଉଭୟ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଦାବିପତ୍ର ପ୍ରଦାନ କରାଯାଇଛି।

# ମିଡିଆର ଦୁରୁପଯୋଗ କଲେ କାର୍ଯ୍ୟାନୁଷ୍ଠାନ


ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ମୁସଲିମ୍ ଜମାତ ଓ ଶାନ୍ତି କମିଟି ସଦସ୍ୟ।

**ମହରମ ପାଇଁ ଶାନ୍ତି କମିଟି ବୈଠକ**

**ଭଦ୍ରକ ଅଫିସ,୨୭।୭**

ଚଳିତ ମାସ ୩୦ ତାରିଖରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ମହରମ ପର୍ବ ପାଳନ କରାଯିବ। ଏଥିପାଇଁ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଅନ୍ୟତମ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକ ମଣ୍ଡଳ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ମହରମ ପାଳନ ନେଇ ଭଦ୍ରକ ମୁସ୍‌ଲିମ ଜମାତର ସଭାପତି ଅବଦୁଲ ବାରୀଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ୩୦ ତାରିଖ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରଠାରୁ ଅଗଷ୍ଟ ୯ ରାତି ଯାଏ ପ୍ରତ୍ୟେକ ଦିନ ସାହି ମସ୍‌ଜିଦ୍‌ରେ ୭ଟାରୁ ରାତି ୧୧ଟା ମଧ୍ୟରେ ବିଶେଷ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ଫାତେହା ଶୋଭାଯାତ୍ରା ଓ ପର୍ବପାଳନର ୧୦ଦିନ ଧରି କୌଣସିଠାରେ ଢୋଲ ବାଜିବ ନାହିଁ କି ଆଖଡ଼ା ଖେଳ ହେବ ନାହିଁ। ଶୋଭାଯାତ୍ରାରେ ଡାକବାଜି ଯନ୍ତ୍ର ଦ୍ୱାରା ହଜରତ ଇମାମ୍ ହୋସେନଙ୍କ ଜୀବନୀ ଏବଂ କରବଲା ବିବରଣୀ ପାଠ କରାଯିବ। ଏହି ପର୍ବ ପାଳନ ଓ ତାଜିଆ ଶୋଭାଯାତ୍ରା ଆଦି ନେଇ ସୋସିଆଲ ମିଡିଆ ସହ ମୁଦ୍ରିତ, ବୈଦ୍ୟୁତିକ କିମ୍ବା ୱେବ୍‌ର ଯେପରି ଦୁରୁପଯୋଗ ନ ହୁଏ ତାହା ଉପରେ ସଚେତନ କରାଇବାକୁ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ଏଥିରେ ଉଲ୍ଲଂଘନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସେ କହିଛନ୍ତି।

ରାସ୍ତା ମରାମତି, ସଫେଇ , ଆମ୍ବୁଲାନ୍ସ ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ଦିଗରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପଦକ୍ଷେପ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୋଭାଯାତ୍ରା ପାଇଁ ଉଦ୍ଦିଷ୍ଟ ରାସ୍ତାରୁ ଉଠା ଦୋକାନୀ, ଠେଲାଗାଡ଼ିକୁ ଦୁଇଦିନ ପୂର୍ବରୁ ଉଠାଇ ଦିଆଯିବାକୁ କୁହାଯାଇଛି। ହିନ୍ଦୁ ସୁରକ୍ଷା ସମିତି ସଦସ୍ୟ ବିଦ୍ୟାଧର ସାହୁ, ବରିଷ୍ଠ ଆଇନଜୀବୀ ନିରାକାର ଜେନା, ରୋଟାରିଆନ ତଥା ଆଇନଜୀବୀ ଅତିସ୍ ବେହେରା ପ୍ରମୁଖ ମତାମତ ରଖିଥିଲେ। ମୁସଲିମ୍ ଜମାତ ଓ ଶାନ୍ତି କମିଟି ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୭।୭ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାପୀଠରେ ମାଟ୍ରିକ ପରୀକ୍ଷାରେ କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ନେରଡ଼ା ସରପଞ୍ଚ ଦେବଦାସୀ ଜେନାଙ୍କ ସଂଯୋଜନା ଓ ଶିକ୍ଷା ଉପଦେଷ୍ଟା କମିଟି ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ମୁଖ୍ୟବକ୍ତା ବିଡିଓ ଦେବଦତ୍ତ ଦାସ, ସମ୍ମାନିତ ବକ୍ତା ବିଇଓ ଅଧିର ତରାଇ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ଲକ୍ଷ୍ମୀଧର ସାହୁ, ବିଆର୍‌ସିସି ଅକ୍ଷୟ ଜେନା, ସିଆର୍‌ସିସି ପୁଷ୍ପକ ଚନ୍ଦ୍ର ଭାରତୀ, ପ୍ରଧାନଶିକ୍ଷକ ଅଜୟ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସୌମ୍ୟରଞ୍ଜନ ଜେନାଙ୍କ ପୃଷ୍ଠପୋଷକତାରେ ଅତିଥିମାନେ ଜଣେ ଏ-୧ ଓ ୧୦ ଏ-୨ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶରତ ଚନ୍ଦ୍ର ଜେନା, ଶିକ୍ଷାବିତ୍ କୈଳାସ ଜେନା, ଅର୍ଜୁନ ଚରଣ ବରାଳ, ମୁକ୍ତିକାନ୍ତ ମହାନ୍ତି, ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଶତ୍ରୁଘ୍ନ ନାୟକ ଆଭିମୁଖ୍ୟ, ଦିଲୀପ ପୃଷ୍ଟି ସ୍ୱାଗତ ଭାଷଣ ଓ ଐରିଗଞ୍ଜନ ଦର୍ପ ନାରାୟଣ ବରାଳ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ରହଣିଆ ସ୍କୁଲରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।


ଅତିଥି ଓ ଶିକ୍ଷକଙ୍କ ଗହଣରେ ସମ୍ବର୍ଦ୍ଧିତ ବିଦ୍ୟାର୍ଥୀ।

## ଅନ୍‌ଲାଇନ ପରୀକ୍ଷା ପ୍ରସଙ୍ଗ: ଆନ୍ଦୋଳନରୁ ଓହରିଲେ ଛାତ୍ରୀଛାତ୍ର

**ବାରିପଦା ଅଫିସ,୨୭।୭**

କୋଭିଡ୍ ସଂକ୍ରମଣ ଯୋଗୁ ଅନ୍‌ଲାଇନ ପରୀକ୍ଷା ଦାବିରେ ବାରିପଦା ତକତପୁରସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ମଙ୍ଗଳବାରଠାରୁ ଆନ୍ଦୋଳନ କରିଥିଲେ। ବୁଧବାର କୁଳପତିଙ୍କଠାରୁ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଅପରାହ୍ନ ୧ଟାରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ଛାତ୍ରୀ ନିବାସରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ପରେ ଶତାଧିକ ଛାତ୍ରୀଛାତ୍ର ଅନ୍‌ଲାଇନ ପରୀକ୍ଷା ଓ ଶିକ୍ଷାଦାନ ଦାବିରେ ଆନ୍ଦୋଳନ କରିଥିଲେ। କୁଳପତି ପ୍ରଫେସର କିଶୋର କୁମାର ବସା ଏନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ଅବଗତ କରାଇଥିଲେ। ମାତ୍ର ଅନ୍‌ଲାଇନ ବ୍ୟବସ୍ଥା ହୋଇପାରିବ ନାହିଁ ବୋଲି ସେ କହିବା ସହ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ସଂକ୍ରମିତ ଛାତ୍ରୀମାନଙ୍କ ନିମନ୍ତେ ମାଗଣା ଔଷଧ ଯୋଗାଇବା ବନ୍ଦୋବସ୍ତ ସହ ଗୁରୁତର ଛାତ୍ରୀଙ୍କୁ ଅଫ୍‌ଲାଇନ ପରୀକ୍ଷା ଦେବାକୁ ବାଧ କରାଯିବ ନାହିଁ। ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଭାବେ ଅଫ୍‌ଲାଇନ ମାଧ୍ୟମରେ ପରୀକ୍ଷା କରାଇ ଏକ ସଙ୍ଗରେ ଫଳାଫଳ ଘୋଷଣା କରାଯିବ ବୋଲି କୁଳପତି ପ୍ରକାଶ କରିଥିଲେ। ତେବେ ଠିକ୍ ସମୟରେ ପରୀକ୍ଷା ନ ହୋଇ ଫଳାଫଳ ପ୍ରକାଶ ପାଇବାରେ ବିଳମ୍ବ ହେଲେ ଅନେକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ, ଏହାକୁ ଦୃଷ୍ଟିରେ ରଖି ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଛି। ଏ ସମ୍ପର୍କରେ ଛାତ୍ରନେତା ଅଭିଷେକ ପଣ୍ଡା ଓ ଶୁଭଜିତ ପାଣି ସୁରୁଖୁରୁରେ ପରୀକ୍ଷା କରିବାକୁ ବିଶ୍ୱବିଦ୍ୟାଳୟର କୁଳପତିଙ୍କଠାରୁ ନିର୍ଭର ପ୍ରତିଶ୍ରୁତି ପାଇଥିଲେ।

## ବସ୍ତାରେ ପ୍ରଥମ ଡେଙ୍ଗୁରୋଗୀ ଚିହ୍ନଟ

**ରୂପସା, ୨୭।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଞ୍ଚଳରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେ ହେଲେ ଦୁଧହଂସା ପଞ୍ଚାୟତ ପାଇକପଡ଼ା ଗ୍ରାମର ବଳରାମ ମହତା (୨୭)। ସେ ଚେନ୍ନାଇର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତାଙ୍କର ଦେହ ଅସୁସ୍ଥ ହେବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କର ରକ୍ତ ନମୁନା ପରୀକ୍ଷା ପରେ ଡେଙ୍ଗୁ ପଜିଟିଭ ଥିବା ଜଣାପଡ଼ିଛି। ସେ ଏବେ ଡେଙ୍ଗୁ ୱାର୍ଡ଼ରେ ଚିକିତ୍ସାଧୀନ ଅଛନ୍ତି।

## ଆଜି କେନ୍ଦୁଝର ଆସିବେ କେନ୍ଦ୍ର ମନ୍ତ୍ରୀ

**କେନ୍ଦୁଝର, ୨୭।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲାକୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଗୁରୁବାର ୩ ଦିନିଆ ଗସ୍ତରେ ଆସୁଛନ୍ତି। ଏଥିଲାଗି ଜିଲା ଭାଜପା ପକ୍ଷରୁ ଜୋର୍‌ଦାର୍ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମ ଦିନରେ କେନ୍ଦ୍ରମନ୍ତ୍ରୀଙ୍କ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ପ୍ରବାସ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଥିବାବେଳେ ଦ୍ୱିତୀୟ ଦିନରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ସେହିପରି ତୃତୀୟ ଦିନରେ ଘସିପୁରା ଏବଂ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଯିବାର କାର୍ଯ୍ୟକ୍ରମ ରହିଛି। କେନ୍ଦୁଝର ଲୋକସଭା ଦାୟିତ୍ୱରେ ଥିବା ମନ୍ତ୍ରୀ ମୁଣ୍ଡାଙ୍କ ସ୍ୱାଗତ ପାଇଁ ଜିଲା ସାରା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଭାଜପା ଯୋଜନା କରିଛି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ସମସ୍ତ ନିର୍ବାଚନ ମଣ୍ଡଳୀ ବୁଲି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରୁଥିବାବେଳେ କେନ୍ଦୁଝର ଲୋକସଭା କ୍ଷେତ୍ରର ସଂଯୋଜକ ଶୁକଦେବ ମହାନ୍ତ କେନ୍ଦ୍ରମନ୍ତ୍ରୀଙ୍କ ଆଗମନ ପାଇଁ ହେଉଥିବା ପ୍ରସ୍ତୁତିକୁ ତଦାରଖ କରୁଥିବା ସୂଚିତ କରାଯାଇଛି।

# ଜଣେ ଶିକ୍ଷୟିତ୍ରୀରେ ଚାଲିଛି ବିଦ୍ୟାଳୟ


ବ୍ଲକ ଶିକ୍ଷାଧିକାରୀଙ୍କ ସହ ଭାଜପା କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

**ଶିକ୍ଷକ ନିଯୁକ୍ତି ଲାଗି ବିଇଓଙ୍କ ଦ୍ୱାରସ୍ଥ ଭାଜପା**

**ମୋରଡ଼ା, ୨୭।୭ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ କରମଶୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାତ୍ର ଜଣେ ଶିକ୍ଷୟିତ୍ରୀରେ ଚାଲିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ଏଠାରେ ଶିକ୍ଷକ ନିଯୁକ୍ତି ନେଇ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ବୁଧବାର ଭାଜପାର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ଦାନ୍ତିଆମୁହାଁ ସମିତିସଭ୍ୟ ସୁକୁଲ ମୁର୍ମୁ ଏବଂ ଅନ୍ୟ କର୍ମୀମାନେ ମଧ୍ୟାହ୍ନରେ ଏନେଇ ଚିତ୍ରଡ଼ାସ୍ଥିତ ବିଇଓ (ବ୍ଲକ ଶିକ୍ଷାଧିକାରୀ)ଙ୍କୁ ଭେଟିଛନ୍ତି। ସେମାନେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ବିଦ୍ୟାଳୟର ଶିକ୍ଷକ ସମସ୍ୟା ସମ୍ପର୍କରେ ଅଲୋଚନା କରିବା ସହ ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୩୫, ଷଷ୍ଠ ଏବଂ ସପ୍ତମ ଶ୍ରେଣୀରେ ୧୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମୋଟ ୫୧ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଲାଗି ମାତ୍ର ଜଣେ ଶିକ୍ଷୟିତ୍ରୀ ଅଛନ୍ତି। ଦୀର୍ଘ ମାସ ଧରି ଶିକ୍ଷାଦାନ କରୁଥିବା ବେଳେ ଶିକ୍ଷୟିତ୍ରୀ ଜଣଙ୍କ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଛାତ୍ରୀଛାତ୍ର ଠିକ୍ ଭାବେ ଶିକ୍ଷା ଗ୍ରହଣ କରିପାରୁନାହାନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଭିଭାବକମାନେ ବାରମ୍ବାର ଦାବି କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଆଗାମୀ ସାତ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କାର୍ଯ୍ୟାଳୟରେ ତାଲା ଝୁଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ତେବେ ତୁରନ୍ତ ଉକ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମ କହିଛନ୍ତି।

# କଳିଙ୍ଗ ହୋଟେଲ୍‌ରେ ପଡ଼ିଲା ତାଲା

**ବାଲେଶ୍ୱର ଅଫିସ,୨୭।୭**

ବାଲେଶ୍ୱର ସହର ଓଟିରୋଡସ୍ଥିତ ମଧ୍ୟସ୍ଥଳରେ ପୌରାଞ୍ଚଳର କଳିଙ୍ଗ ହୋଟେଲ୍‌କୁ ନେଇ ଦିନକୁ ଦିନ ବିବାଦ ବଢ଼ି ଚାଲିଥିବା ବେଳେ ବୁଧବାର ଉକ୍ତ ଜମିର ମାଲିକାନାସତ୍ତ୍ୱକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଗତ ୧୯୮୫ରୁ ପୌରାଞ୍ଚଳ ଉକ୍ତ ସ୍ଥାନରେ ହୋଟେଲ୍ ନିର୍ମାଣ କରି ଲିଜ୍‌ରେ ଦେଇ ଆସୁଥିବା ବେଳେ ଗତ ମେ ୩୧ ତାରିଖରେ ଲିଜ୍ ଅବଧି ସରିଯାଇଛି। ପୁନର୍ବାର ଲିଜ୍ ଅବଧି ବଢ଼ାଇବାକୁ ନେଇ ପ୍ରକ୍ରିୟା ଆରମ୍ଭ ହେବା ବେଳେ ଜାଗାର ମାଲିକାନାସତ୍ତ୍ୱ ଅନ୍ୟଜଣଙ୍କ ନାମରେ ଥିବାରୁ ସେ ବୁଧବାର ହୋଟେଲ୍ ଫାଟକରେ ତାଲା ପକାଇ ଦଖଲ ନେଇଥିବା ଦାବି କରିଛନ୍ତି। ଅନ୍ୟପକ୍ଷରେ ପୌରାଞ୍ଚଳ କର୍ତ୍ତୃପକ୍ଷ ହୋଟେଲ୍ ପାଖରେ ପହଞ୍ଚିଥିଲେ ମଧ୍ୟ ଦଖଲ କରି ନ ପାରି ନିରାଶ ହୋଇ ଫେରିଛନ୍ତି।

କଳିଙ୍ଗ ହୋଟେଲ୍, ଗାନ୍ଧୀ ସ୍ମୃତିଭବନ ଓ ଗୋପବନ୍ଧୁ ପାର୍କ ବାଲେଶ୍ୱର ତହସିଲ ଖତିଆନ କ୍ରମିକ ନଂ. ୩୦୬, ଭାସ୍କରଗଞ୍ଜ ମୌଜା, ପ୍ଲଟ ନଂ. ୭ ଉପରେ ମୋଟ ଅଢ଼େଇ ଏକର ଜାଗା। ଏହା ମାଣିଖମ୍ବସ୍ଥିତ ସୁଜିତ ଦେବଙ୍କ ପୈତୃକ ସମ୍ପତ୍ତି ଅଟେ। ସରକାରଙ୍କ ସେଟେଲ୍‌ମେଣ୍ଟ ବେଳେ ବହୁ ରାଜରାଜୁଡ଼ା ସମ୍ପତ୍ତି ସରକାର ନେଇଯାଇଥିଲେ। ତନ୍ମଧ୍ୟରୁ ଉକ୍ତ ଅଢ଼େଇ ଏକର ଜାଗା ତାଙ୍କ ନାମରେ ରହିଥିଲା। ଗତ ୨୦୧୬ରେ ସଦର ତହସିଲ ଅଫିସ୍‌ରୁ ନୋଟିସ୍ ଯୋଗେ ଖଜଣା ଦେବା ପାଇଁ ନୋଟିସ୍ ଆସିଥିଲା। କ୍ୟାସ୍ ମାଧ୍ୟମରେ ଖଜଣା ମଧ୍ୟ ପୈଠ କରିଥିଲୁ। କିନ୍ତୁ ଜାଗାଟି ପୌରାଞ୍ଚଳ ଦଖଲରେ ରହିଥିଲା। ଏହାପରେ ପୌରାଞ୍ଚଳକୁ ଜାଗା ଛାଡ଼ିବା ପାଇଁ ମଧ୍ୟ ଲିଖିତ ଜଣାଇଥିଲେ। ଗାନ୍ଧୀ ସ୍ମୃତି ଭବନ ଓ ଗୋପବନ୍ଧୁ ପାର୍କକୁ ଲୋକମାନେ ବ୍ୟବହାର କରୁଥିବାରୁ ଉକ୍ତ ସ୍ଥାନରେ ତାଲା ନ ପକାଇ କଳିଙ୍ଗ ହୋଟେଲ୍ କମର୍ସିଆଲ ଭାବେ ବ୍ୟବହାର କରାଯାଉଥିବାରୁ ତାକୁ ତାଲା ପକାଇଥିଲୁ। ଜାଗା ମାଲିକଙ୍କ ନିକଟରେ ସମସ୍ତ ପଟ୍ଟା, ଖଜଣା ପାଉତି ଥିବାବେଳେ ପୌରାଞ୍ଚଳ ନିକଟରେ ସେହି ଜାଗାର କ'ଣ ପ୍ରମାଣ ରହିଛି ସେନେଇ ପ୍ରଶ୍ନ କରିଥିଲେ। ଫଳରେ ପୌରାଞ୍ଚଳ କର୍ମଚାରୀମାନେ ଫେରିଯାଇଥିଲେ।

ଏନେଇ ପୌରନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱରେ ଥିବା ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଶାନ୍ତିଲତା ଦାସଙ୍କ ଚୁକ୍ତି ଅବଧି ପୂରଣ ହୋଇଯାଇଥିବାରୁ ତାଙ୍କୁ ଚାବି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପୌରାଞ୍ଚଳର କେତେଜଣ କର୍ମଚାରୀ ଚାବି ଆଣିବା ପାଇଁ ଯାଇଥିବା ବେଳେ ଗେଟ୍‌ରେ ତାଲା ପଡ଼ିଥିବା ଦେଖି ପଳାଇ ଆସିଥିଲେ। ଉକ୍ତ ଜାଗା ଓ ହୋଟେଲ୍ ପୌରାଞ୍ଚଳର ଅଟେ। କୌଣସି ଥାର୍ଡ଼ ପାର୍ଟିଙ୍କର ନୁହେଁ। ଜାଗାକୁ ହାତେଇବା ପାଇଁ କୌଣସି କପୋଳକଳ୍ପିତ ଯୋଜନା ପ୍ରସ୍ତୁତ କରାଯାଇଥିବା କଥା ମୁଁ କହିପାରୁନାହିଁ। ଆଇନ ଅନୁଯାୟୀ ପଜିଶନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



କଳିଙ୍ଗ ହୋଟେଲ୍ ଫାଟକରେ ତାଲା।

**ଜମି ମାଲିକାନାକୁ ବଢ଼ିଲା ଦ୍ୱନ୍ଦ୍ୱ**

